HotnHitNews.com

ପ୍ରସଂଗର ନାଆଁ

ଚାଷୀ ଆତ୍ମହତ୍ୟା

ବାସୁଦେବ ମହାପାତ୍ର

ଅକ୍ଟୋବର୍ ୧୭ ତାରିଖ, ଶନିବାର । ରାଜ୍ୟସଭା ସଦସ୍ୟ ଏ ଭି ସ୍ୱାମୀଙ୍କ ଦ୍ୱାରା ଆଦର୍ଶ ଗ୍ରାମ ଘୋଷିତ ନୂଆପଡ଼ା ଜିଲ୍ଲା କୁଳିଆବନ୍ଧା ଗାଆଁର ଯୁବ ଚାଷୀ ଗୈନ୍ଦରାମ ମାଝୀ ସକାଳୁ ଘରୁ ବାହାରି କ୍ଷେତକୁ ଗଲେ । ଚାଷ କରିଥିବା ପାଂଚ ଏକରରୁ ଅଧିକ ଜମିରେ ସମ୍ପୂର୍ଣ୍ଣ ଫସଲ ଉଜୁଡ଼ିଯାଇଥିବାରୁ କିଛି ଦିନ ଧରି ଚାପରେ ଥିବା ଗୈନ୍ଦରାମ ଖରାବେଳେ ଖାଇବାକୁ ଆସିବେ ବୋଲି ସ୍ତ୍ରୀ ଭୋଜବେଇ ରୋଷେଇ କରି ଅପେକ୍ଷା କରିଥିଲେ । ପାଖାପାଖି ସନ୍ଧ୍ୟା ବେଳକୁ ଘରେ ପହଂଚିବା ମାତ୍ରେ ବେହୋସ ହୋଇ ପଡ଼ିଲେ ଗୈନ୍ଦରାମ । ତୁରନ୍ତ ଗାଆଁ ଲୋକେ ତାଙ୍କୁ ନୂଆପଡ଼ା ଡାକ୍ତରଖାନାକୁ ନେଲେ । ବିଷାକ୍ତ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଗୈନ୍ଦରାମଙ୍କର ଡାକ୍ତରଖାନାରେ ପହଂଚିଲା ବେଳକୁ ମୃତ୍ୟୁ ହୋଇସାରିଥିଲା ।

ପତ୍ନୀ ଭୋଜବେଇଙ୍କ କହିବା ଅନୁଯାୟୀ, ଗୈନ୍ଦରାମ ସ୍ଥାନୀୟ ସୋସାଇଟିରୁ ୨୫୦୦୦ ଟଂକା, ଜଣେ ଠିକାଦାରଠୁ ୨୫୦୦୦ ଟଂକା ଏବଂ ଅନ୍ୟ କାହାଠୁ କାହାଠୁ ଅହୁରି ପ୍ରାୟ ୨୦୦୦୦ ଟଂକା ଋଣ କରିଥିଲେ । ପୁରା ଫସଲ ନଷ୍ଟ ହେଇଯିବାରୁ ଘରେ କ'ଣ ଖାଇବେ, କେମିତି ଚଳିବେ, ଋଣ କେମିତି ଶୁଝିବେ, ସେହି ଚିନ୍ତାରେ ସେ ଥିଲେ ।

ତେଣୁ ଭୋଜବେଇଙ୍କ ବିଶ୍ୱାସ, ଫସଲହାନୀ କାରଣରୁ ଋଣ ଶୁଝିବା ଚିନ୍ତାରେ ହିଁ ଗୈନ୍ଦରାମ ଆତ୍ମହତ୍ୟା କରିଛନ୍ତି ।

ନିକଟରେ, ଜାନୁଆରୀ ୧୩ ତାରିଖ ଦିନ, କୁଳିଆବନ୍ଧା ଗାଆଁର ଆଉ ଜଣେ ଯୁବ ଚାଷୀ ଓମ୍ ପ୍ରକାଶ ପଟେଲ୍ ସେଇ ସମାନ ପରିସ୍ଥିତିରେ ଅନନ୍ୟୋପାୟ ହୋଇ ଆତ୍ମହତ୍ୟା କରିଛନ୍ତି । ଖରିଫ୍ ଫସଲ ଅମଳ ସମୟରୁ ଅର୍ଥାତ୍ ୨୦୧୫ ଅଗଷ୍ଟ ଶେଷଭାଗରୁ ଏପର୍ଯ୍ୟନ୍ତ ଓଡ଼ିଶାରେ ପ୍ରାୟ ୨୦୦ ଚାଷୀ ଆତ୍ମହତ୍ୟା କଲେଣି । ନିଜର ଆର୍ଥିକ ସ୍ଥିତିକୁ ସୁଧାରିବା ଆଶାରେ ଖରିଫ୍ ପରେ ପରେ କରିଥିବା ଚାଷ ପୁଣିଥରେ ଉଜୁଡ଼ିଯିବା କାରଣରୁ ନିକଟରେ କିଛି ଚାଷୀ ଆତ୍ମହତ୍ୟା କରିବା ସହ ଏହି ଧାରା ଏବେ ବି ଜାରି ରହିଛି ।

"ଆଜି ଦେଖିଦେଇଥା, କାଲିଠୁ ଆଉ ଦେଖିବୁନି" - ଆତ୍ମହତ୍ୟାର ପୂର୍ବଦିନ ସିନାପାଲି ବ୍ଲକ୍ ଡୁଙ୍ଗୁରିଗୁଡ଼ା ଗାଆଁର ଶୋଭାସିଂ ମାଝୀ କହିଥିବା କଥାକୁ ମନେ ପକେଇ ତାଙ୍କ ୧୦ ବର୍ଷର ପୁଅ ଘଂଟା ଘଂଟା ନୀରବରେ ବସୁଥିବା ବେଳେ କେଉଁଠି ବୃଦ୍ଧ ବାପା ପୁଅର ମୃତ୍ୟୁରେ ବ୍ୟଥିତ ହୋଇ ଆଗେ ନିଜର କାହିଁକି ମୃତ୍ୟୁ ହେଲାନାହିଁ ସେ ପ୍ରଶ୍ନ ନିଜକୁ ପଚାରୁଛି ତ' ଆଉ କେଉଁଠି ସ୍ୱାମୀର ମୃତ୍ୟୁ ପରେ ଆଗକୁ କ'ଣ କରିବ ଭାବି ଭାବି ସ୍ତ୍ରୀ ଆଖିରୁ ଲୁହ ଶୁଖୁନି ।

ଏଭଳି ଦୁର୍ଦ୍ଦଶା ପାଇଁ ମୃତ ଚାଷୀଙ୍କ ପରିବାରବର୍ଗ ଏବଂ ରାଜ୍ୟର ଚାଷୀକୁଳ ମରୁଡ଼ି ଏବଂ ତଦ୍ଜନିତ ଫସଲହାନୀକୁ ଦାୟୀ କରୁଥିବା ବେଳେ ଅଧିକାରୀମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଆଧାରରେ ରାଜ୍ୟ ସରକାର ଏକଥାକୁ ସିଧାସଳଖ ଅସ୍ୱୀକାର କରିଛନ୍ତି । କେତେକ ଆତ୍ମହତ୍ୟା ଘଟଣା ମଦ୍ୟପାନଜନିତ ନିଶା ଦ୍ୱାରା ପ୍ରରୋଚିତ ବୋଲି କୁହାଯାଇଥିବା ବେଳେ ଅନ୍ୟ କେତେକ ପାରିବାରିକ କଳହ କିମ୍ବା ପ୍ରେମଜନିତ ବୋଲି ରିପୋର୍ଟରେ ଦର୍ଶାଯାଇଛି । ଅନେକ ସ୍ଥାନରେ ଆତ୍ମହତ୍ୟାର ପ୍ରକୃତ କାରଣ ଖୋଜି ପାଇବାରେ ଅନୁସନ୍ଧାନକାରୀ ଅଧିକାରୀମାନେ ବିଫଳ ହୋଇଥିଲେ ମଧ୍ୟ ଏହା ଫସଲହାନୀ ବା ଋଣବୋଝ କାରଣରୁ ନୁହେଁ ବୋଲି କହିଛନ୍ତି ।

ତେବେ ହଠାତ୍ ପସଲ ଅମଳ ସମୟରେ କେବଳ ଚାଷୀମାନଙ୍କ ଘରେ କଳହ ଏବଂ ଅନ୍ୟ କାରଣଗୁଡ଼ିକ କାହିଁକି ଏବଂ କିପରି ଏତେ ବଳିଷ୍ଠ ହେଲେ ଯେଉଁଥିପାଇଁ ଚାଷକୁ ଜୀବିକା କରିଥିବା ଚାଷୀପୁଅକୁ ଆତ୍ମହତ୍ୟା କରିବାକୁ ପଡ଼ିଲା ସେକଥା ନା ସରକାରରେ ଥିବା ମୁଖିଆମାନେ ଚିନ୍ତା କରିଛନ୍ତି ନା ମୂଳ କାରଣ ଖୋଜିବା ପାଇଁ କୌଣସି ତର୍ଜମା କରିଛନ୍ତି ।

ସହାନୁଭୁତି ବଦଳରେ ଅପବାଦ

ରାଜ୍ୟରେ ଅନାହାର ମୃତ୍ୟୁ ଅଭିଯୋଗକୁ ଖଣ୍ଡନ କରିବା ପାଇଁ ଅନାହାରଜନିତ ବୋଲି ନକହି ଆନ୍ତ୍ରିକ ରୋଗ, ଯକ୍ଷ୍ମା, ଡାଇରିଆ, ଆନେମିଆ ବା ରକ୍ତହୀନତା ଆଦି କାରଣରୁ ମୃତ୍ୟୁ ହୋଇଥିବାର ଦର୍ଶାଇ ଅଧିକାରୀମାନଙ୍କ ଦ୍ୱାରା ପୂର୍ବରୁ ବହୁବାର ପ୍ରସ୍ତୁତ କରାଯାଇଥିବା ସରକାରୀ ରିପୋର୍ଟ ଭଳି ଚାଷୀ ଆତ୍ମହତ୍ୟା ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ମୃତ ଚାଷୀର ପରିବାର ପ୍ରତି ସହାନୁଭୁତି ପ୍ରଦର୍ଶନ କରିବା ବଦଳରେ ସେମାନଙ୍କ ଉପରେ ଲଦି ଦିଆଯାଇଛି ଅପବାଦର ବୋଝ । ପୁଣି ସଳଖ ହୋଇ ଠିଆ ହେବାକୁ ଟିକେ ସରକାରୀ ସାହାଯ୍ୟ ଆଶା କରିଥିବା ମୃତ ଚାଷୀଙ୍କ ପରିବାରକୁ ଅଧିକ ମନସ୍ତାପ ଏବଂ ହାତାଶା ଭିତରକୁ ଠେଲି ଦିଆଯାଇଛି । ଫଳତଃ କଳାହାଣ୍ଡି ଜିଲ୍ଲା ବୈଜାଲପୁରରେ ଆତ୍ମହତ୍ୟା କରିଥିବା ଚାଷୀ କୁଂଜବିହାରୀ ହଂସଙ୍କ ପତ୍ନୀ ବିମଲେଙ୍କ ଭଳି ଅନେକଙ୍କ ପାଇଁ ଏବେ ଭବିଷ୍ୟତ ଅନ୍ଧକାରମୟ ।

ଚାଷ କାମରେ କୁଂଜବିହାରୀ ଖର୍ଚ୍ଚ କରିଥିଲେ ୧୩୦୦୦ ଟଂକା । କିନ୍ତୁ ନିକଟରେ ମୃତ୍ୟୁବରଣ କରିଥିବା ବାପାଙ୍କ ନାଆଁରେ ଗୋଲାମୁଣ୍ଡା ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଥିବା ୬୩୦୦୦ ଟଙ୍କା ବୁଡ଼ିଯିବା ଭୟରେ ପୁଅ ହିସାବରେ ଏହା ପରିଶୋଧ କରିବାକୁ ବାଧ କରିବା ସହ ଟଂଟକତା ପୂର୍ବକ ଏହି ଋଣକୁ କୁଂଜବିହାରୀଙ୍କ ନାଆଁକୁ ଆଣିଲେ ବ୍ୟାଙ୍କ କର୍ତ୍ତୃପକ୍ଷ । ପିତାଙ୍କ ମୃତ୍ୟୁ ପରେ ତାଙ୍କ ଋଣ ବାବଦକୁ କୁଂଜବିହାରୀ ୨୦୦୦୦ ଟଙ୍କା ପରିଶୋଧ ମଧ୍ୟ କରିଥିଲେ । ଆଶା ଥିଲା, ଚାଷ ଠିକ୍ ଠାକ୍ ହେଲେ ଧିରେ ଧିରେ ବାକି ଋଣ ଶୁଝି ଦେବେ । କିନ୍ତୁ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯିବା ପରେ ଚିନ୍ତାରେ ପଡ଼ିଗଲେ କୁଂଜବିହାରୀ ।

ସ୍ୱାମୀଙ୍କ ଚିନ୍ତାକୁ ଦେଖି ପତ୍ନୀ ବିମଲେ ବାପ ଘରକୁ କିଛି ସାହାଯ୍ୟ ପାଇଁ ଯାଇଥିବା ବେଳେ ରାତିରେ ଆତ୍ମହତ୍ୟା କଲେ ସେ । ନିଜେ ବିଡିଓ ଆସି ଘଟଣା ସମ୍ପର୍କରେ ବୁଝିଯାଇଥିବାରୁ ଆଗକୁ କିଛି ସହାଯ୍ୟ ମିଳିବ ବୋଲି କୁଂଜବିହାରୀଙ୍କ ପରିବାର ଲୋକେ ଆଶା କରିଥିଲେ । କିନ୍ତୁ ଧର୍ମଗଡ଼ ବଜାରରେ ସାକ୍ଷାତ ବେଳେ ବିଡ଼ିଓ ରାଜେନ୍ଦ୍ର ରଣଜିତ ଏବଂ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଏହି ଘଟଣା ସମ୍ପର୍କରେ ଯେଉଁଭଳି ମତାମତ ଦେଲେ ତାହା କେବଳ ହତବାକ୍ କଲାଭଳି ନୁହେଁ, ବରଂ ଏହା ଥିଲା ସାଧାରଣ ଲୋକଙ୍କ ସମସ୍ୟା ଏବଂ ଦୁଃଖ ପ୍ରତି ସ୍ଥାନୀୟ ପ୍ରଶାସନ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ମନୋଭାବର ଏକ ବାସ୍ତବ ପ୍ରତିଫଳନ ।

"ସେ (କୁଂଜବିହାରୀ) ଫସଲ ହାନୀ ପାଇଁ ମରିନାହିଁ । ଏପରିକି ମୁଁ କହିବି ଏଇଟା ଆତ୍ମହତ୍ୟା ହିଁ ନୁହେଁ, ବରଂ ଏହା ଏକ ହତ୍ୟାକାଣ୍ଡ" ବୋଲି କହିବା ସହ ଏହି ଘଟଣାର ଅଧିକ ତଦନ୍ତ ଆବଶ୍ୟକ ବୋଲି ତାଙ୍କ ରିପୋର୍ଟରେ ଲେଖିଥିବା କଥା ସ୍ଥାନୀୟ ବିଡ଼ିଓ କହିଥିବା ବେଳେ "ସେ ସାଇକୋ (ମାନସିକ ବିକାରଗ୍ରସ୍ତ) ଥିଲା ଯେଉଁଥିପାଇଁ ତା ସ୍ତ୍ରୀ ଅଧିକାଂଶ ସମୟରେ ତା ପାଖରେ ରହୁନଥିଲା" ବୋଲି କହିଥିଲେ ବିଧାୟକ ଦିବ୍ୟଶଙ୍କର ।

ତେବେ ଘଟଣା ପରେ ଖବର ସଂଗ୍ରହ ପାଇଁ ଯାଇଥିବା ଜିଲ୍ଲାର ଜଣାଶୁଣା ସାମ୍ବାଦିକ ପ୍ରମୋଦ ପଣ୍ଡାଙ୍କ କହିବା ଅନୁଯାୟୀ "ଝୁଲନ୍ତା ମୃତଦେହର ଅବସ୍ଥା ଏବଂ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ସ୍ପଷ୍ଟ ଭାବେ ଆତ୍ମହତ୍ୟା ଭଳି ଜଣାପଡୁଥିଲା । ତା'ଛଡ଼ା ଆତ୍ମହତ୍ୟା ଘଟଣା ରାତିରେ କୁଂଜବିହାରୀଙ୍କ ବ୍ୟତୀତ ଘରେ ତାଙ୍କ ବୁଢ଼ୀ ମାଆ ଥିଲେ ଯାହାଙ୍କ ପକ୍ଷରେ ନିଜର ଯୁବକ ପୁଅକୁ ମାରି ରଶିରେ ଟାଙ୍ଗି ଆତ୍ମହତ୍ୟାର ରୂପ ଦେବା ସମ୍ଭବ ନୁହେଁ । କୁଂଜବିହାରୀଙ୍କୁ ମାନସିକ ବିକାରଗ୍ରସ୍ତ ବୋଲି କହିବା ନିହାତି ଅମୂଳକ କାରଣ ନା କୌଣସି ଡାକ୍ତର ତାଙ୍କ ସମ୍ପର୍କରେ ଏମିତି କିଛି ମତ ବା ରିପୋର୍ଟ ଦେଇଛନ୍ତି ନା ଏଭଳି କିଛି ରୋଗ ପାଇଁ ସେ କେବେ କେଉଁଠି ଚିକିତ୍ସିତ ହେଉଥିବାର ପ୍ରମାଣ ଅଛି । ଏପରିକି ତାଙ୍କ ପରିବାରର କିମ୍ବା ସାହି ପଡ଼ିଶା ଲୋକେ ମଧ୍ୟ କୁଂଜବିହାରୀଙ୍କ ସମ୍ପର୍କରେ ଏମିତି କିଛି କହିନାହାନ୍ତି ।"

ଅତଏବ, କେଉଁ ଅନୁଭବ, ଅଭିଜ୍ଞତା ବା ତଥ୍ୟ ଆଧାରରେ ଶାସକ ଦଳ ମୁଖପାତ୍ର ତଥା ଜୁନାଗଡ଼ ବିଧାୟକ ଏବଂ ଧର୍ମଗଡ଼ ବିଡ଼ିଓ ଏଭଳି ମତ ସୃଷ୍ଟି କରିଛନ୍ତି ତାହା ନିଶ୍ଚିତ ଭାବେ ତଦନ୍ତ ସାପେକ୍ଷ ।

"ତହସିଲ୍‌ଦାର୍, ବିଡ଼ିଓ, ଏଠିକି ଆସିଥିଲେ । ଆମକୁ ପଚାରିଲେ । ଆମେ ତ' ସବୁ ସତ ସତ କହିଲୁ । ତା'ପରେ ଯଦି ସରକାର ଏମିତି କହିବେ ଆମେ ଚାଷୀ ଲୋକ ସରକାରଙ୍କୁ କ'ଣ କହିପାରିବୁ ନା କିଛି କରିପାରିବୁ ?" ନୂଆପଡ଼ା ଖିରମାଲର ଆତ୍ମହତ୍ୟା କରିଥିବା ଚାଷୀ ଧର୍ମୁ ଅଦାଙ୍କ ବାପା ହୀରା ଅଦାଙ୍କ ଏହି ପ୍ରଶ୍ନ ସରକାରୀ ରିପୋର୍ଟରେ ଦିଆଯାଇଥିବା ମତ ଏବଂ ତଥ୍ୟର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅନ୍ୟପକ୍ଷରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଯେ ଚାଷୀ ପରିବାରର ସମ୍ମାନ ଏବଂ ଅଧିକାରକୁ କ୍ଷୁର୍ଣ୍ଣ କରିଛି ସେଥିରେ କୌଣସି ସନ୍ଦେହ ନାହିଁ । ଏବେ ରାଜ୍ୟର ସଚେତନ ନାଗରିକ, ବୁଦ୍ଧିଜୀବୀ ଏବଂ ସାଧାରଣ ଲୋକଙ୍କ ମନକୁ ଆନ୍ଦୋଳିତ କରୁଥିବା ସବୁଠାରୁ ବଡ଼ ପ୍ରଶ୍ନ ହେଉଛି - କ'ଣ ପାଇଁ, କେଉଁ ଉଦ୍ଦେଶ୍ୟରେ ଏବଂ କାହା ନିର୍ଦ୍ଦେଶରେ ସାଧାରଣ ମାନବିକତା ଏବଂ ଦୁଃଖି ଚାଷୀଙ୍କ ସ୍ୱାର୍ଥକୁ ବଳି ପକେଇ ଏଭଳି ସରକାରୀ ରିପୋର୍ଟ ତିଆରି କରାଯାଇଛି ?

"ପୂର୍ବସୂଚନା ଥାଇ ମଧ୍ୟ ମରୁଡ଼ି ପରିଚାଳନାରେ ନିଜ ବିଫଳତାର ସମୀକ୍ଷା ନକରି ଏମିତି ଏକ ରିପୋର୍ଟ ମାଧ୍ୟମରେ ଚାଷୀଙ୍କୁ ଅପବାଦ ଦେବା ସହ ସେମାନଙ୍କ ଦୁଃଖ ଓ ସମସ୍ୟା ପ୍ରତି ରାଜ୍ୟ ସରକାର ଏବଂ ଅମଲାତନ୍ତ୍ର ଯେଉଁଭଳି ଉଦାସୀନତା ପ୍ରଦର୍ଶନ କରିଛନ୍ତି ତାହା ଦ୍ୱାରା କାହାର କ'ଣ ଲାଭ ହେଇଛି ବା ହେବ ସେକଥା ତର୍ଜମା ହେଲେ ହିଁ ଜଣା ପଡ଼ିବ । କିନ୍ତୁ ସରକାରଙ୍କ ଏଭଳି ଆଚରଣ ନିଶ୍ଚିତ ଭାବେ ଅଧିକରୁ ଅଧିକ ଚାଷୀଙ୍କୁ ଚାଷ ପ୍ରତି ବିମୁଖ କରିବ ଏବଂ ରାଜ୍ୟର କୃଷି ଅର୍ଥନୀତିକୁ ଅଧୋଗତି ଆଡ଼କୁ ନେବ" ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଅଭିଜ୍ଞ ଚାଷୀ ଏବଂ ପୂର୍ବତନ କୃଷିମନ୍ତ୍ରୀ ରାସବିହାରୀ ବେହେରା ।

ମରୁଡ଼ି ପରିଚାଳନାରେ ବିଫଳ ସରକାର

ପାଣିପାଗ ବିଭାଗର ସୂଚନା ଆଧାରରେ ଫାଇଲିନ୍ ଏବଂ ହୁଡ୍‌ହୁଡ୍ ଭଳି ସାମୁଦ୍ରିକ ମହାବାତ୍ୟା ଦାଉରୁ ଜନଜୀବନ ରକ୍ଷା କରି ଦେଶ ବିଦେଶରେ ପ୍ରଶଂସିତ ହୋଇଥିଲେ ସୁଦ୍ଧା ୨୦୧୫ର ଏଲ୍ ନିନୋ ବାବଦରେ ସେଭଳି ତତ୍ପରତା ପ୍ରକାଶ କରିନାହିଁ ଓଡ଼ିଶା ସରକାର । ତେଣୁ ମରୁଡ଼ି ପଛରେ ଯେତିକି ପ୍ରାକୃତିକ କାରଣ ରହିଛି ଏହାକୁ ଉତ୍କଟ ରୂପ ଦେବାରେ ଏବଂ ଅଧିକ ପ୍ରଭାବଶାଳୀ କରିବାରେ ସରକାରଂକର ତାଠାରୁ ଅଧିକ ଭୂମିକା ରହିଛି ବୋଲି ବାରଂବାର ବିଭିନ୍ନ ସାମାଜିକ ସଂଗଠନ ଏବଂ ସଚେତନ ନାଗରିକ ମଂଚ ତରଫରୁ ଅଭିଯୋଗ ହୋଇଛି । ୨୦୧୪ ମୌସୁମୀର ଶେଷ ଭାଗରେ ସୃଷ୍ଟ ଏଲ୍ ନିନୋ ପ୍ରାକୃତିକ ପ୍ରକ୍ରିୟା ବା ଋତୁଚକ୍ରକୁ ପ୍ରଭାବିତ କରିପାରିବାଭଳି ସାମୁଦ୍ରିକ ଉଷ୍ମ ପ୍ରବାହର ଗତିବିଧିକୁ ଲକ୍ଷ୍ୟ କରି ଏହା ୨୦୧୫ ବର୍ଷର ମୌସୁମୀକୁ ଦୂର୍ବଳ କରିପାରେ ବୋଲି ବହୁ ପରିବେଶ ବିଜ୍ଞାନୀ ଆଶଙ୍କା ପ୍ରକାଶ କରିଥିଲେ । ୨୦୧୫ ଫେବୃଆରୀରୁ ଏକ ପ୍ରଭାବଶାଳୀ ଏଲ୍ ନିନୋ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବା କଥା ସେହି ବର୍ଷ ମାର୍ଚ୍ଚ ମାସରେ ଆନୁଷ୍ଠାନିକ ଭାବେ ଆମେରିକାର ନ୍ୟାସନାଲ୍ ଓସନିକ୍ ଏଣ୍ଡ ଆଟ୍‌ମୋସ୍‌ଫିଅରିକ୍ ଆଡ଼ମିନିଷ୍ଟ୍ରେସନ୍ (ନୋଆ) ପକ୍ଷରୁ ଦିଆଯାଇଥିବା ସୂଚନାରେ ଏହାର ପ୍ରଭାବ ବସନ୍ତ ଟପି ଗ୍ରୀଷ୍ମ ଋତୁ ପର୍ଯ୍ୟନ୍ତ ରହିବ ବୋଲି କୁହାଯାଇଥିଲା ।

ଏଲ୍ ନିନୋ ଦ୍ୱାରା ମୌସୁମୀ ପ୍ରଭାବିତ ହେବା ନେଇ ଏପ୍ରିଲ୍ ମାସରେ ଆଶଂକା ବ୍ୟକ୍ତ କଲା ଭାରତୀୟ ପାଣିପାଗ ବିଭାଗ ବା ଆଇଏମ୍‌ଡି । ଜୁଲାଇ ୨୦୧୫ ବେଳକୁ ଏଲ୍ ନିନୋ ଦ୍ୱାରା ଭାରତରେ ମୌସୁମୀ ବ୍ୟାପକ ଭାବେ ପ୍ରଭାବିତ ହେବା ସହ ସାଧାରଣରୁ ପାଖାପଖି ୧୫ ପ୍ରତିଶତ କମ୍ ବର୍ଷା ହେବ ବୋଲି ଆଗୁଆ ସୂଚନା ମିଳିଥିଲା ।

ଅତଏବ ଏହା ସ୍ପଷ୍ଟ ଯେ ୨୦୧୪ ଶେଷଭାଗରୁ ସମ୍ଭାବ୍ୟ ମରୁଡ଼ି ସ୍ଥିତିର ଆଭାସ ମିଳିଥିବା ବେଳେ ୨୦୧୫ ମାର୍ଚ୍ଚ ମାସରୁ ଆଉ ଏକ ଏଲ୍ ନିନୋ ସୃଷ୍ଟି ହୋଇଥିବାର ସୂଚନା ମିଳି ସାରିଥିଲା । ୨୦୧୫ ଏପ୍ରିଲ୍‌ରୁ ଜୁଲାଇ ମଧ୍ୟରେ ଏଲ୍ ନିନୋ ପ୍ରଭାବରେ କମ୍ ବର୍ଷା ହେବା ସହ ମରୁଡ଼ି ସ୍ଥିତି ସୃଷ୍ଟି ହେବା ସମ୍ପର୍କରେ ଆପାତତଃ ସ୍ପଷ୍ଟ ସୂଚନା ମିଳିସାରିଥିଲା ।

କିନ୍ତୁ ଏହି ସୂଚନାକୁ ଗୁରୁତ୍ୱ ଦେଇ ଯେଉଁ ସବୁ ପଦକ୍ଷେପ ତୁରନ୍ତ ନିଆଯିବାର ଆବଶ୍ୟକତା ଥିଲା ରାଜ୍ୟ ସରକାର ତାହା କଲେନାହିଁ । ବରଂ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ଥିବାର ବାହାସ୍ଫୋଟ ମାରି ସରକାର ଏବଂ ପ୍ରଶାସନ ଏଥିପ୍ରତି ଏକରକମ ଆଖି ବୁଜିଦେଲେ ଯାହାର ପରିଣାମ ସ୍ୱରୂପ ରାଜ୍ୟରେ ମରୁଡ଼ି ସ୍ଥିତି ଅତି ଉତ୍କଟ ରୂପ ଧାରଣ କଲା ।

ଅନ୍ୟପଟେ କହିବାକୁ ଗଲେ, ରାଜ୍ୟ ସରକାର ସମ୍ଭବତଃ ଏଲ୍ ନିନୋ ସମ୍ବନ୍ଧିତ କୌଣସି ସୂଚନାକୁ ବିଶ୍ୱାସକୁ ହିଁ ନେଲେ ନାହିଁ । ପାଣିପାଗ ସମ୍ବନ୍ଧୀୟ ପ୍ରାକ୍‌ସୂଚନା ପାଇଁ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଲାଭ କରିଥିବା ଆଇଏମ୍‌ଡି ବା ଭାରତୀୟ ପାଣିପାଗ ବିଭାଗକୁ ଜ୍ଞାନକୌଶଳ ଦୃଷ୍ଟିରୁ ଦୂର୍ବଳ ଏବଂ ଅପାରଗ କହିବା ସହ ଏହାର ଅଧିକାଂଶ ସୂଚନା ଅମୂଳକ ଏବଂ ଭୂଲ୍ ବୋଲି ଜୁନାଗଡ଼ ବିଧାୟକ ତଥା ଶାସକ ଦଳ ମୁଖପାତ୍ର ଦିବ୍ୟଶଂକର ମିଶ୍ରଂକ ମନ୍ତବ୍ୟରୁ ଏକଥା ସ୍ପଷ୍ଟ । ସମସ୍ତ ସୂଚନା ଥାଇ ସୁଦ୍ଧା ମରୁଡ଼ି ମୁକାବିଲା ପାଇଁ ରାଜ୍ୟ ସରକାର କାହିଁକି ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ନାହିଁ ସେହି ପ୍ରଶ୍ନର ଉତରରେ ବିଧାୟକ ଶ୍ରୀ ମିଶ୍ର ଏହି ଜବାବ ରଖିଥିଲେ ।

ସାଂକେତିକ ଭାବେ ଯଦି ଏହାକୁ ସରକାରୀ ମନୋଭାବର ପ୍ରତିଫଳନ ବୋଲି କୁହାଯାଏ ତେବେ ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବ ସମ୍ପର୍କିତ ତଥ୍ୟ ପ୍ରତି ସରକାରଂକ ଖାମଖିଆଲି ମନୋଭାବ ରାଜ୍ୟରେ ଦେଖାଦେଇଥିବା ଉତ୍କଟ ମରୁଡ଼ିର ଅନ୍ୟତମ କାରଣ ।

ମରୁଡ଼ିକୁ ଦୃଷ୍ଟିରେ ରଖି ଘୋଷଣା କରାଯାଇଥିବା ସରକାରୀ ଯୋଜନା ଗୁଡ଼ିକୁ ଯଦି ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଥାନ୍ତା ତେବେ ଅଧିକାଂଶ ଅଂଚଳରେ ଫସଲକୁ ରକ୍ଷା କରାଯାଇପାରିଥାନ୍ତା । କିନ୍ତୁ ସରକାରୀ ଯୋଜନା ସବୁ ଅଧାପନ୍ତରିଆ ହୋଇ ରହିଲା । ଅନେକ ସ୍ଥାନରେ ବୋର-ୱେଲ୍ ବା ଗଭୀର ନଳକୂପ ଖୋଳାଗଲା କିନ୍ତୁ ଚାଷୀ ନିର୍ଦ୍ଧାରିତ ୨୦ ହଜାର ଟଙ୍କା ଦେଇ ନପାରିବାରୁ ପାଣି ଉଠେଇବା ପାଇଁ ପମ୍ପସେଟ୍ ଲାଗିପାରିଲା ନାହିଁ । ଯେଉଁଠି ପମ୍ପସେଟ୍ ଲାଗିଲା ତାକୁ ଚଳେଇବା ପାଇଁ ସେଠିକି ବିଦ୍ୟୁତ୍ ଯୋଗାଣ ହେଇପାରିଲା ନାହିଁ ।

ତେଣୁ ଫସଲକୁ ରକ୍ଷା କରିବାରେ ଚାଷୀ ଅସମର୍ଥ ହେଲା ବୋଲି କହିଛନ୍ତି ବରଗଡ଼ ଜିଲ୍ଲା ଭେଙ୍ଗରାଜପୁର ଗ୍ରାମ ପଂଚାୟତର ସରପଂଚ ଧବଳେଶ୍ୱର ସାହୁ ।

ଅସମୟରେ ଜଳସେଚନ ପାଇଁ ଯେଉଁ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇଛି ତାହା ନାମକୁ ମାତ୍ର କାରଣ ପାଣିକୁ ବାନ୍ଧି ରଖିବା ପାଇଁ ସେସବୁ ଅସମର୍ଥ । ଚାଷ ଏବଂ ଚାଷୀର ଆବଶ୍ୟକତାକୁ ନଦେଖି କେବଳ ଯୋଜନା ଅର୍ଥ ଖର୍ଚ୍ଚ କରିବା ପାଇଁ ସେସବୁ କରାଯାଇଛି ବୋଲି ଆତ୍ମହତ୍ୟା କରିଥିବା ଚାଷୀ ଶଙ୍କର ବରିହାଙ୍କ ଗାଆଁ ସଦାନନ୍ଦପୁରର ଚାଷୀମାନେ ସେମାନଙ୍କ ଉଜୁଡ଼ା କ୍ଷେତ ବୁଲି ଦେଖେଇବା ସମୟରେ ଅତ୍ୟନ୍ତ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

ଚାଷୀ ଓ କୃଷି ନାଆଁରେ ଘୋଷିତ ସବୁ ଯୋଜନାର ସେଇ ଏକା ଅବସ୍ଥା । ସବୁଠି ବଳି ପଡ଼ିଚି ଚାଷର ଗୁରୁତ୍ୱ ଏବଂ ଚାଷୀର ସ୍ୱାର୍ଥ, ଉଭୁରି ଉଠୁଚି ଦୁର୍ନୀତିର ଗନ୍ଧ ।

ବାସ୍ତବରେ ଦେଖିଲେ, ରାଜ୍ୟରେ ସମ୍ବଳର ପ୍ରାଚୁର୍ଯ୍ୟ ଥାଇ ସୁଦ୍ଧା ଏହାର ସୁପରିଚାଳନା ଦ୍ୱାରା କୃଷିର ବିକାଶ ନିଶ୍ଚିତ କରିବା ସହ ଚାଷୀଙ୍କୁ ସମ୍ମାନର ସହ ବଂଚିବାର ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧତା ତ' ଦୂରର କଥା, ଏଥିପାଇଁ ସରକାରଙ୍କର ସାମାନ୍ୟତମ ଆନ୍ତରିକତା ମଧ୍ୟ ନାହିଁ ବୋଲି କହିଛନ୍ତି ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋ ।

ମୁଖ୍ୟମନ୍ତ୍ରୀଙ୍କ ସମାବେଶ - ଆଶ୍ୱାସନା ନା ପ୍ରତାରଣା ?

ଫସଲ ଅମଳ ସମୟ ଆରମ୍ଭ ହେବାର ମାତ୍ର ଅଢ଼େଇ ମାସ ମଧ୍ୟରେ ଶତାଧିକ ଚାଷୀ ଆତ୍ମହତ୍ୟା କରିବା ଘଟଣାକୁ ବିରୋଧୀ ରାଜନୈତିକ ଦଳ ପ୍ରସଂଗ କରିବା ମାତ୍ରେ ବିପତିର କେନ୍ଦ୍ରବିନ୍ଦୁ ହୋଇଥିବା ବରଗଡ଼ ଜିଲ୍ଲାର ସୋହେଲାଠାରେ ଚାଷୀଙ୍କୁ ମନେଇବାକୁ ୨୦୧୫ ନଭେମ୍ବର ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବିଶାଳ ଚାଷୀ ସମାବେଶ କଲେ ।

ସମାବେଶକୁ ଯାଇଥିବା ଚାଷୀମାନଂକ ଆଶା ଥିଲା ଯେ ମୁଖ୍ୟମନ୍ତ୍ରୀ ନିଶ୍ଚୟ ସେମାନଂକୁ ଏହି ଦୁର୍ଦ୍ଦଶାରୁ ଉଦ୍ଧାର କରିବା ପାଇଁ କିଛି କରିବେ । କିଛି ନହେଲେ ଋଣ ଛାଡ଼ କରିବେ କିମ୍ବା ଚାଷୀଂକ ପାଇଁ କିଛି ସହାୟତା ଘୋଷଣା କରିବେ । କିନ୍ତୁ ସେମିତି କିଛି ନୂଆ ହେଲାନାହିଁ ।

ଚାଷୀଙ୍କ ଦୁଃଖର ତୁରନ୍ତ ଉପଶମ ପାଇଁ କିଛି ନକରି ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶା ପାଇଁ ୩୫୦୦୦ କୋଟୀ ଟଙ୍କାର ପାଂଚବର୍ଷିଆ ଯୋଜନା ଘୋଷଣା କଲେ ଏବଂ ଏହି ରାଶିର ୮୦ ଭାଗ କୃଷିର ବିକାଶ ପାଇଁ ଖର୍ଚ୍ଚ ହେବ ବୋଲି କହିଲେ । ବରଗଡ଼ରେ ପୂର୍ବରୁ ଦୁଇ ଦୁଇଥର ଘୋଷଣା କରିସାରିଥିବା ଅଂଗବନ୍ଧ ଭଳି ପ୍ରକଳ୍ପକୁ ୧୫୦୦ କୋଟୀ ଟଙ୍କା ବ୍ୟୟରେ କାର୍ଯ୍ୟକାରୀ କରିବାକୁ ପୁଣିଥରେ ଦୋହରାଇଲେ । ମଣ୍ଡିରେ ଧାନ ବିକ୍ରୀ କଲେ ଚାଷୀଙ୍କୁ କ୍ୱିଂଟାଲ୍ ପିଛା ୧୦୦ ଟଂକାର ବୋନସ୍ ମିଳିବ ବୋଲି ଘୋଷଣା କଲେ ।

ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଚାଷୀ ମନରେ କୌଣସି ଆଶା ସୃଷ୍ଟି କରିବାରେ ବିଫଳ ହୋଇଛି । "ଯେତେବେଳେ ଚାଷ ଉଜୁଡ଼ି ଯାଇଛି, ଚାଷୀ ପାଖରେ ଖାଇବାକୁ ଧାନ ନାହିଁ, ଚଳିବାକୁ ପଇସା ନାହିଁ, ଋଣ ବୋଝରେ ଭାରାକ୍ରାନ୍ତ ହୋଇ ସେ ଆତ୍ମହତ୍ୟା କରୁଛି, ସେତେବେଳେ ବୋନସ୍ ପାଇବା ପାଇଁ ମଣ୍ଡିରେ ବିକ୍ରୀ କରିବାକୁ ଚାଷୀ ଧାନ ଅଣିବ କେଉଁଠୁ" ବୋଲି ପାଲଟା ପ୍ରଶ୍ନ କରିଛନ୍ତି ଆତ୍ମହତ୍ୟା ଉଦ୍ୟମ କରି ତୁରନ୍ତ ଚିକିତ୍ସା ଯୋଗୁଁ ବଂଚିଯାଇଥିବା କଳାହାଣ୍ଡି ଜିଲ୍ଲା ଦୁଧେଲ୍ ଗାଆଁର ଚାଷୀ ଜଗପତି ଜାଲ୍ ।

"ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚାଷୀ ପାଇଁ ଘୋଷିତ ବୋନସ୍‌କୁ ହାତେଇବା ପାଇଁ ବାହାରୁ ଧାନ ଆସି ଏଠାକାର ମଣ୍ଡିରେ ବିକ୍ରୀ ହେବ ନଚେତ୍ କାଗଜପତ୍ରରେ ବହୁ ପରିମାଣର କାରବାର ଦେଖାଇ ଲାଭବାନ୍ ହେବେ ନେତା, ମନ୍ତ୍ରୀ, ମିଲର୍ ଏବଂ ସରକାରୀ ଅଧିକାରୀ । ଅମଲାତନ୍ତ୍ରୀଂକ ଉପରେ ମାତ୍ରାଧିକ ବିଶ୍ୱାସ ରଖୁଥିବା ମୁଖ୍ୟମନ୍ତ୍ରୀ ସମ୍ଭବତଃ ଜାଣିଶୁଣି ଅଫିସରମାନଂକୁ ଖୁସି କରିବାକୁ ଚାଷୀଙ୍କ ନାଆଁରେ ଏହି ଘୋଷଣା କରିଛନ୍ତି" ବୋଲି ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ କହିଥିବା ବେଳେ "ଚାଷ ଉଜୁଡୁଥିବ, ଅନନ୍ୟୋପାୟ ହୋଇ ଚାଷୀ ଆତ୍ମହତ୍ୟା କରୁଥିବେ, କିନ୍ତୁ କାଗଜପତ୍ରରେ ମଣ୍ଡିମାନଙ୍କରେ ଯଥେଷ୍ଟ ପରିମାଣର ଧାନ କାରବାର ହୋଇଥିବା ଦର୍ଶାଇ ଓଡ଼ିଶା ଦେଶର ଅଗ୍ରଣୀ ଶସ୍ୟ ଉତ୍ପାଦନକାରୀ ରାଜ୍ୟ ଭାବେ ସମ୍ମାନିତ ହେଉଥିବ ଏବଂ ଶାସକ ଦଳ ଏହାର ଭରପୁର ରାଜନୈତିକ ଫାଇଦା ନେଉଥିବ" ବୋଲି କହିଛନ୍ତି ବିଶିଷ୍ଟ ସୂଚନା ଅଧିକାର ପ୍ରୟୋଗକାରୀ ତଥା ଓଡ଼ିଶା ଖାଦ୍ୟ ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ ।

ମରଣ ଯନ୍ତାରେ ଚାଷୀ

ମରୁଡ଼ି ସହାୟତା ପାଇଁ କେନ୍ଦ୍ର ସରକାରଙ୍କୁ ଓଡ଼ିଶା ସରକାର ଦେଇଥିବା ରିପୋର୍ଟ ଅନୁଯାୟୀ ରାଜ୍ୟର ୨୮ଟି ଜିଲ୍ଲାର ୧୫ ଲକ୍ଷ ୩୫ ହଜାର ୯୦୨ ହେକ୍ଟର୍ ଜମିର ଫସଲ ମରୁଡ଼ି ଦ୍ୱାରା ପ୍ରଭାବିତ ହୋଇଛି ।

ଇତିମଧ୍ୟରେ ଫସଲ ଉଜୁଡ଼ିବାର ପ୍ରାୟ ଛଅ ମାସ ବିତିଥିଲେ ବି ଚାଷୀ କ'ଣ କରୁଛି, କେମିତି ବଂଚିଛି ସେ ବିଷୟରେ ଜାଣିବାକୁ ସରକାରୀ ପ୍ରୟାସର ଯଥେଷ୍ଟ ଅଭାବ ରହିଥିବା ବେଳେ ଗାଆଁ ଗହଳିକୁ ଯାଇ ବାସ୍ତବ ସ୍ଥିତିକୁ ଦେଖିଲେ ଜାଣି ହେଉଛି କିଭଳି ଅସହାୟ ଅବସ୍ଥାରେ ରହିଛନ୍ତି ରାଜ୍ୟର ଅଧିକାଂଶ ଚାଷୀ ।

ଏପଟେ ଚାଷ ଉଜୁଡ଼ି ଯାଇଛି । ସମଗ୍ର ରାଜ୍ୟକୁ ଖାଦ୍ୟ ଯୋଗାଉଥିବା ଚାଷୀଟି ନିଜ ପରିବାରକୁ ଦି-ଓଳି ଦି-ମୁଠା ଖାଇବାକୁ ଦେବାକୁ ଅସମର୍ଥ । ଖରିଫ୍ ପରେ ରବି ଫସଲ ପାଇଁ ସରକାରୀ କିଟ୍ ମିଳିବାରେ ମାତ୍ରାଧିକ ବିଳମ୍ବ ଯୋଗୁଁ ଅଧିକାଂଶ ଚାଷୀଙ୍କ ଜମି ପଡ଼ିଆ ପଡ଼ିଛି । ରୋଜଗାରର ଅନ୍ୟ କୌଣସି ବାଟ ନାହିଁ । ମରୁଡ଼ି ପ୍ରଭାବିତ ଅଂଚଳରେ ୧୫୦ ଦିନର କାମ ଯୋଗାଇବା ପାଇଁ ସରକାର ଘୋଷଣା କରିଥିଲେ ମଧ୍ୟ ସେଥିପାଇଁ କୌଣସି କାମ ଚାଲିନି ।

"ଚାଷୀଙ୍କ ଦୁଃଖକୁ ଆମେ ଦେଖୁଚୁ । ସେମାନଙ୍କୁ ବଂଚିବାର ରାହା ଟିକେ ଦେବା ପାଇଁ ମନରେଗା ଭଳି ଯୋଜନାରେ ଶୀଘ୍ର କାମ ଆରମ୍ଭ କରିବାକୁ ଆମେ ବିଡ଼ିଓ ଏବଂ କଲେକ୍ଟରଙ୍କୁ ଲେଖିଛୁ । ହେଲେ ଏଯାଏଁ ସେ ବାବଦରେ କିଛି ନିଷ୍ପତି ହେଇନାହିଁ" ବୋଲି କହିଛନ୍ତି ଭେଙ୍ଗରାଜପୁର ସରପଂଚ ଧବଳେଶ୍ୱର ସାହୁ ।

ସେପଟେ ଚାଷପାଇଁ ଋଣ ଦେଇଥିବା ସାହୁକାର ନିର୍ଦ୍ଧାରିତ ପରିମାଣର ଧାନ ପାଇଁ ଏବଂ ଗାଆଁର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସପ୍ତାହିକ ସୁଧ ପାଇଁ ଘରେ ବସୁଛନ୍ତି । ଚାଷୀମାନଙ୍କ କହିବା ଅନୁଯାୟୀ, ମାସିକ ୧୦ ପ୍ରତିଶତ ସୁଧରେ ଋଣ କାରବାର କରୁଥିବା ଏବଂ ଜୋର ଜବରଦସ୍ତ ପ୍ରତି ସପ୍ତାହରେ ସୁଧ ଆଦାୟ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଚାପରୁ ମୁକ୍ତି ପାଇବା ଚାଷୀପାଇଁ ଅସମ୍ଭବ କାରଣ ମହିଳା ଗୋଷ୍ଠୀଗୁଡ଼ିକ ଦଳ ଏବଂ ନେତାମାନଙ୍କର ପ୍ରମୁଖ ଭୋଟ୍ ବ୍ୟାଙ୍କ ହୋଇଥିବାରୁ ସମସ୍ତେ ସବୁ ଜାଣିଲେ ସୁଦ୍ଧା ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେବା କଷ୍ଟକର ।

ଏମିତି ଅବସ୍ଥାରେ କିଛି ରୋଜଗାର କରି ସ୍ଥିତି ସୁଧାରିବାପାଇଁ ଅନେକ ଚାଷୀ ଦାଦନ ଖଟିବାକୁ ଯିବାକୁ ଶେଷ ପନ୍ଥା ଭାବେ ବାଛିନେଇଥାନ୍ତି । ଏବର୍ଷ କିନ୍ତୁ ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଛି ଯେ କେହି ଦାଦନ ଖଟିବାକୁ ଯିବେନାହିଁ ।

ଦାଦନ ଖଟିବାକୁ ଯାଉଥିବା ଲୋକଙ୍କୁ ଅଟକେଇବାକୁ ପଂଚାୟତକୁ ସରକାରୀ ନିର୍ଦ୍ଦେଶ ମିଳିଛି ଏବଂ ଦାଦନ ଖଟିବା ପାଇଁ ଲୋକଙ୍କୁ ନେବାକୁ ଚେଷ୍ଟା କରୁଥିବା ଠିକାଦାର ଏବଂ ଦଲାଲ୍‌ମାନଙ୍କୁ ଜାଣିବା ମାତ୍ରେ ପୁଲିସ୍ ଗିରଫ୍ କରୁଛି ବୋଲି କହିଛନ୍ତି ଧବଳେଶ୍ୱର ସାହୁ ।

ଅତଏବ, ବଂଚିବାର ସବୁ ବାଟ ଯେତେବେଳେ ବନ୍ଦ, ସେଭଳି ପରିସ୍ଥିତିରେ ଆତ୍ମହତ୍ୟା ଛଡ଼ା ଆଉ କ'ଣ କରିପାରିବ ମରୁଡ଼ିଗ୍ରସ୍ତ ଚାଷୀ ?

ତେଣୁ ଯଦି ସରକାର ଦାବୀ କରୁଛନ୍ତି ଯେ ଫସଲହାନୀ ଏବଂ ଋଣ ବୋଝ ଯୋଗୁଁ କୌଣସି ଚାଷୀ ଆତ୍ମହତ୍ୟା କରିନାହାନ୍ତି ତେବେ ମୃତ୍ୟୁକୁ ଶେଷପନ୍ଥା ଭାବେ ବାଛି ନେଇଥିବା ସମସ୍ତ ଚାଷୀ ଏହି ସରକାରୀ ମରଣଯନ୍ତାର ଶୀକାର ହୋଇଛନ୍ତି ବୋଲି ସରକାର ସ୍ୱୀକାର କରିବା ସହ ମୃତ ଚାଷୀଙ୍କ ପରିବାର ଭୋଗୁଥିବା କଷ୍ଟ ପାଇଁ ନିଜକୁ ଦାୟୀ କରିବେ କି ? ଏହି ପ୍ରଶ୍ନ ଏବେ ରାଜ୍ୟର ସମସ୍ତ ଗ୍ରାମାଂଚଳରେ ଗୁଂଜରୁଛି ।

[ହଟ୍‌ଏନ୍‌ହିଟ୍ ନ୍ୟୁଜ୍‌ଫିଚରସ୍, ଭୁବନେଶ୍ୱର]
ମୋବାଇଲ୍ - ୯୪୩୭୫୬୭୫୯୯୬
ଇମେଲ୍ - basudev.news@gmail.com